# Akashvani, Sambalpur

## SAMBALPURI NEWS BULLETIN

### 3 August 2024- 6.47- 6.52 am.

*********************************************

କେବିନେଟ୍ ବୈଠକ୍-ହାଇସ୍ପିଡ୍ କରିଡ଼ର୍ ପ୍ରକଳ୍ପ

ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା କେବିନେଟ୍ କମିଟି ବୈଠକ୍‌ଥି ୯ ଶହ ୩୬ କିଲୋମିଟର ଲମ୍ବା ୮ ଟା ଗୁରୁତ୍ୱପୂର୍ଣ୍ଣ ଜାତୀୟ ହାଇସ୍ପିଡ୍ କରିଡ଼ର୍ ପ୍ରକଳ୍ପର୍ ବିକାଶ୍‌କେ ଅନୁମୋଦନ୍ ମିଳିଛେ । ଇଥିର୍‌ଲାଗି ସାରା ଦେଶେ ୫୦ ହଜାର୍ ୬ ଶହ ୫୫ କୋଟି ଟଙ୍କା ଖର୍ଚ୍ଚା କରାଯିବା । ଇ ୮ ଟା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରତ୍ୟକ୍ଷ ଆଉ ପରୋକ୍ଷ ଭାବେ ୪ କୋଟି ୪୨ ଲାଖ୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । ସେ ଭିତ୍‌ରୁ ହେବାର୍‌କେ ଥିବା ୪ ଲେନ୍ ବିଶିଷ୍ଟ ଖଡ଼ଗ୍‌ପୁର୍-ମୋର୍‌ଗ୍ରାମ୍ ଜାତୀୟ ହାଇସ୍ପିଡ୍ କରିଡ଼ର୍ ଓଡ଼ିଶା, ପଶ୍ଚିମବଙ୍ଗ୍, ଆନ୍ଧ୍ରପ୍ରଦେଶ୍ ବାଗିର୍ ରାଜ୍ୟ ଆର୍ ଉତର୍‌ପୂର୍ବାଂଚଲ୍ ଭିତ୍‌ରେ ଯୋଗାଯୋଗ୍‌କେ ସହଜ୍ କର୍‌ବା ।

ଡିଏମ୍ଏଫ୍ ସମୀକ୍ଷା ବୈଠକ          ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍ନେଶ୍ୱର୍ ନ ଗଲାକାଏଲ୍ ଜିଲ୍ଲା ଖଣିଜ ପାଣ୍ଠି- ଡିଏମ୍ଏଫ୍‌ର କାର୍ଯ୍ୟକାରିତା ବାବ୍ଦେ ରାଜ୍ୟସ୍ତରୀୟ ତଦାରଖ୍ ଆଉ ସମୀକ୍ଷା କମିଟିର୍ ବୈଠକ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଭିନ୍ ଭିନ୍ ଡିଏମ୍ଏଫ୍ ଜିଲ୍ଲାକେ ବଛର୍‌ୱାରି ପାଣ୍ଠି, ପ୍ରକଳ୍ପମାନ୍‌କର୍ ଲାଗି ପାଣ୍ଠି ବାଂଟ୍‌ବାର୍ ଆର୍ ଭିନ୍ ଭିନ୍ କ୍ଷେତ୍ରର ପ୍ରକଳ୍ପର୍ କାର୍ଯ୍ୟକାରିତାଥି ଟଙ୍କା ବିନିଯୋଗ ବାବ୍ଦେ ତଥ୍ୟ ଉପସ୍ଥାପନ୍ କରାଯାଇଥିଲା । ମୁଖ୍ୟ ଶାସନ୍ ସଚିବ ଭିନ୍ ଭିନ୍ କ୍ଷେତ୍ର ନ ଟଙ୍କା ଖର୍ଚ୍ଚା ଆଉ କାମ୍ ବାବ୍ଦେ ସମୀକ୍ଷା କରିଥିଲେ । ବାର୍ଷିକ, ପ୍ରଗତିଶୀଳ ଯୋଜ୍ନା ତିଆର୍ କରିକରି କାର୍ଯ୍ୟାନ୍ୱୟନ୍ କର୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ଶ୍ରୀ ଆହୁଜା ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ ଶୁଣାଣି       ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ସୋମ୍‌ବାର୍ ଦିନ ୧୧ ବଜେନୁ ଭୁବ୍‌ନେଶ୍ୱର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠନୁ ଲୋକ୍ ମାନ୍‌କର୍ ଅଭିଯୋଗ୍ ଶୁଣାଣି କର୍‌ବେ । ଇଥିର୍‌ଲାଗି ସେନ ସଖାଲର୍ ୮ ବଜେନୁ ୧୨ ବଜେତକ୍ ଶୁଣାଣି ଲାଗି ପଞ୍ଜିକରଣ୍ କରାଯିବା । ଆଗ୍ରହୀ ଲୁକେ ଇ ସମିଆଥି ସେଠାନେ ଅଭିଯୋଗ୍ ପଞ୍ଜିକରଣ୍ କରେଇକରି ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ୍ ଜନେଇପାର୍‌ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ନିବେଶକ ସମ୍ମଳନୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ସର୍‌କାର୍ ମହାରାଷ୍ଟ୍ରର୍ ପୁନେ ଆର୍ ଗୁଜୁରାଟ୍ ଅହମଦାବାଦ୍ ନ ଆଏବା ୭ ତାରିଖ୍‌ନୁ ୯ ତାରିଖ୍‌ତକ୍ ୩ ଦିନ୍ ଧରିକରି ନିବେଶକ ସମ୍ମଳନୀ ଆୟୋଜନ୍ କର୍‌ବେ । ସମ୍ମିଳନୀଥି ଦୁହି ରାଜ୍ୟର୍ ବଛାବଛା ଫୁଡ୍ ପ୍ରୋସେସିଙ୍ଗ୍, ଅଟୋ ମୋବାଇଲ୍ ବାଗିର୍ ସଂସ୍ଥାମାନେ ଯୋଗ୍ ଦେବେ । ଇ ସମ୍ମିଳନୀ ହେବାର୍‌ନୁ ରାଏଜେ ୨୦୨୯ ମସିହାତକ୍ ୨ ଲାଖ୍ ୫ ହଜାର୍ କୋଟି ଟଙ୍କା ପୁଞ୍ଜି ନିବେଶ୍ କରାଯିବାର୍‌କେ ଲକ୍ଷ୍ୟ ରଖାଯାଇଥିବା ଶିଳ୍ପମନ୍ତ୍ରୀ ସମ୍ପଦ୍ ସ୍ୱାଇଁ ସୂଚ୍‌ନା ଦେଇଛନ୍ । ଏମ୍‌ଏସ୍‌ଏମ୍‌ଇ ବିଭାଗ୍ ମନ୍ତ୍ରୀ

ଗୋକୁଲାନନ୍ଦ ମଲ୍ଲିକଙ୍କର୍ ସହେତେ ବିଭାଗୀୟ ସଚିବ ମାନେ ସମ୍ମିଲନୀଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବିଦ୍ୟାଳୟ, ଗଣଶିକ୍ଷା ବିଭାଗ୍ କାମ୍- ଓଡ଼ିଆ ଭାଷା

ଆର୍‌ଏନ୍‌ୟୁ /ସମ୍ବଲପୁର

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ସବୁ କାମ୍ ଏତ୍‌କେ ଓଡ଼ିଆ ଭାଷାଥି ହେବା ବଲି ବିଭାଗ୍ ତର୍‌ଫୁ ଆଦେଶ୍ ଜାରି କରାଯାଇଛେ । ବିଭାଗ୍‌ର ଅଧୀନ୍‌ଥି ଥିବା ସବୁ ଅଧିକାରୀ, କର୍ମଚାରୀମାନେ ସର୍‌କାରୀ ଫାଇଲ୍ କାମ୍ ଓଡ଼ିଆ ଭାଷାଥି କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଟିପ୍ପଣୀ, ବିଜ୍ଞପ୍ତି, ସ୍ମାରକ୍‌ପତ୍ର, ସଂକଳ୍ପପତ୍ର, ଚିଠି ଦିଆନିଆ ଓଡ଼ିଆଥି କରାଯିବା ।

ସିବିଏସ୍‌ଇ ୧୨ କ୍ଲାସ୍ ସପ୍ଲିମେଂଟାରୀ ପରୀକ୍ଷା ଫଲ

ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ - ସିବିଏସ୍‌ଇ ୧୨ କ୍ଲାସ୍ ସପ୍ଲିମେଂଟାରୀ ପରୀକ୍ଷା ଫଲ୍ ବାହାରିଛେ । ୧ ଲାଖ୍ ୨୭ ହଜାର୍ ୪ ଶହ ୭୩ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାର୍ ବେଲେ ୩୭

ହଜାର୍ ୯ ଶହ ୫୭ ଜନ୍ ପାସ୍ କରିଛନ୍ । ସିବିଏସ୍ଇ ୱେବ୍‌ସାଇଟ୍‌ନୁ ଛାତ୍ରୀମାନେ ନିଜର୍ ପରୀକ୍ଷାଫଲ୍ ଦେଖି ପାର୍‌ବେ ।

ଓଜେଏସ୍ ପ୍ରିଲିମିନାରୀ ପରୀକ୍ଷାଫଲ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ଜୁଡ଼ିସିଆଲ୍ ସର୍ଭିସ୍ -ଓଜେଏସ୍ ୨୦୨୩ ପ୍ରିଲିମିନାରୀ ପରୀକ୍ଷାଫଲ୍ ବାହାରିଛେ । ଇ ପରୀକ୍ଷାଥି ୬ ଶହ ୮୦ ଜନ୍ ପ୍ରାର୍ଥୀ ପାସ୍ କରିଛନ୍ । ମୁଖ୍ୟ ଲିଖିତ ପରୀକ୍ଷା ଇ ପ୍ରାର୍ଥୀମାନେ ଦେବେ । ଲିଖିତ ପରୀକ୍ଷା କାର୍ଯ୍ୟସୂଚୀ ବାବ୍‌ଦେ ଆଏବା ଦିନେ ବିଜ୍ଞପ୍ତି ବାହାର୍‌ବା ବଲି ଓପିଏସ୍‌ସି ତର୍‌ଫୁ କୁହାଯାଇଛେ ।

ଦୀନ୍‌ଦୟାଲ୍ ସ୍ୱର୍ଣ ଯୋଜ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ଡାକ୍ ବିଭାଗ୍ ତର୍‌ଫୁ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଦୀନ୍‌ଦୟାଲ୍ ସ୍ୱର୍ଣ ଯୋଜ୍‌ନାର୍ ଶୁଭାରମ୍ଭ କରାଯାଇଛେ । ଇ ଯୋଜ୍‌ନାଥି ମାନ୍ୟତା ପ୍ରାପ୍ତ ବିଦ୍ୟାଳୟ ନ ୬ ନୁ ୯ କ୍ଲାସ୍‌ତକ୍ ପଢୁଥିବା ଆଉ ଡାକ୍‌ଟିକଟ୍‌କେ ସଉକ୍ ହିସାବେ ଗ୍ରହଣ୍ କରିଥିବା ଛାତ୍ରଛାତ୍ରୀଙ୍କର୍

ପ୍ରବୃତି ଆଉ ଗବେଷଣାକେ ତହଁକାବାର୍ ଲାଗି ଡାକ୍ ବିଭାଗ୍ ତର୍ଫୁ ବଛର୍କ ୬ ହଜାର୍ ଟଙ୍କା ବୃତି ଦିଆଯିବା । ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ଧାରିଜ୍ ଡାକ୍ପ୍ରଭାଗ୍ ଜରିଏ ଆବେଦନ୍ ପ୍ରାପ୍ତିର ଶେଷ୍ ତାରିଖ୍ ଆଏବା ସେପ୍ଟେମ୍ବର୍ ୧୮ ତାରିଖ୍ ରଖାଯାଇଛେ । ଡାକ୍ବିଭାଗ୍ ୱେବ୍ସାଇଟ୍ http://odishapost.gov.in ନୁ ଇ ବାବ୍ଦେ ସବୁ ତଥ୍ୟ ପାଇପାର୍ବେ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ କଲାହାଣ୍ଡି ସମ୍ବାଦଦାତା

ବିଦ୍ୟୁତ୍ ବିତରଣ୍ କମ୍ପାନୀ - ଟିପିଡବ୍ଲୁଓଡିଏଲ୍ ତର୍ଫୁ କଲାହାଣ୍ଡି ଜିଲ୍ଲାର୍ କେସିଙ୍ଗା ଗ୍ରୀଡ୍ ସବ୍-ଷ୍ଟେସନ୍ଥି ମରାମତି କାମ୍ ଲାଗି ଆଏଜ୍ ସଖାଲର୍ ୮ ବଜେନୁ ମଏଧାନର୍ ୧୨ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଇ ମରାମତି କାମ୍ ଲାଗି ଜିଲ୍ଲାର୍ ନର୍ଲା ବ୍ଲକ୍ର ନର୍ଲା, ସର୍ଗିଗୁଡ଼ା, ରୂପ୍ରାରୋଡ୍, ରୂପ୍ରା, ମୁସ୍କୁଟି, ଗିଗ୍ନା, ବାଲିପଡ଼ା, ସେରଗଡ୍, ଉଲିକୁପା, ଶାନ୍ତପୁର୍ ଇଲାକା ନ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ୍ ହେବା । ସେନ୍ତା ଲାଞ୍ଜିଗଡ୍ ବ୍ଲକ୍ର ଲାଞ୍ଜିଗଡ୍, ଲାଞ୍ଜିଗଡ୍ ରୋଡ୍, ବନ୍ଧପରି, ବିଜେପୁର୍ବାଗିର୍ ଏରିଆ ଆଉର୍ ଏମ୍.ରାମ୍ପୁର୍

ବ୍ଲକ୍‌ର ଏମ୍.ରାମ୍‌ପୁର୍, ବମ୍‌କା, ମୋହନ୍‌ଗିରି, ମଦନ୍‌ପୁର୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଆଏଜ୍ ସଖାଲର୍ ୮ ବଜେନୁ ମଏଧାନର୍ ୧୨ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ଝାର୍‌ଖଣ୍ଡ ଆର୍ ଛତିଶ୍‌ଗଡ଼୍ ଉପ୍‌ରେ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଗାଙ୍ଗେୟ ପଶ୍ଚିମବଙ୍ଗ୍‌ର ସ୍ଥଳଭାଗ୍ ଉପ୍‌ରେ ସକ୍ରିୟ ରହିଛେ । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମେଘୁଆପାଗ୍ ସହେତେ ବର୍ଷା ଜାରି ରହିଛେ । ଇ ଥିତି ଆଏବା ଦୁଇଦିନ୍‌ତକ୍ ରହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇତାର୍‌ସହେତେ ୫ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏଜ୍ ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍ ଆର୍ କେନ୍ଦୁଝର୍ ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।